# NATIONAL NEWS BULLETIN (ODIA)

## 4 June - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସୁସ୍ଥ ଓ ନିରାମୟ ଜୀବନଶୈଳୀ ପାଇଁ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କଲେ ପ୍ରଧାନମନ୍ତ୍ରୀ

– ବିଶ୍ୱ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହକୁ ଆଭାସୀ ମାଧ୍ୟମରେ କଲେ ସମ୍ବୋଧନ

- ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ଏବଂ ଭେନେଜୁଏଲା କାର୍ଯ୍ୟକାରୀ ରାଷ୍ଟ୍ରପତିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା
- ନ୍ୟାୟାଳୟଗୁଡ଼ିକରେ କୃତ୍ରିମ ବୁଦ୍ଧିମତା ବ୍ୟବହାର ଆଧାରିତ ଚିଠା ନିୟମାବଳୀ ପ୍ରକାଶ କଲେ ସୁପ୍ରିମକୋର୍ଟ

ଏବଂ

- କେରଳମ୍ ସ୍ପର୍ଶ କଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ; ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ କେରଳମ୍ ଏବଂ ମାହେରେ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା

# ପିଏମ୍- ଯୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସୁସ୍ଥ ଏବଂ ନିରାମୟ ଜୀବନଶୈଳୀ ପାଇଁ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶ୍ୱର ବିଭିନ୍ନ ରାଷ୍ଟ୍ର ଏବେ ଯୋଗକୁ ଆପଣାଇବା ସହ ଏହାକୁ ଦୈନନ୍ଦୀନ ଜୀବନର ଏକ ଅଂଶଭାବେ ଗ୍ରହଣ କରୁଛନ୍ତି। ବିଶ୍ୱ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ଆଜି ଆଭାସୀ ମାଧ୍ୟମରେ ସମ୍ବୋଧନ କରି ଶ୍ରୀ ମୋଦୀ ଏହା କହିଛନ୍ତି...

**VO-PM**

ଗୁଜରାଟ ଅହମ୍ମଦାବାଦର ଟ୍ରାନ୍ସଷ୍ଟାଡିଆ ଠାରେ ଆଜିଠାରୁ ବିଶ୍ୱ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି । ଉଦ୍‌ଘାଟନୀ ସମାରୋହରେ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ଡକ୍ଟର ମନସୁଖୀ ମାଣ୍ଡବୀୟ ଏବଂ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ପ୍ରମୁଖ ଯୋଗ ଦେଇଛନ୍ତି। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଯୋଗାସନ ସହ ସଂଶ୍ଳିଷ୍ଟ କ୍ରୀଡ଼ାବିତ ଏଥିରେ ଅଂଶ ଗ୍ରହଣ କରୁଛନ୍ତି । ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଆମେରିକା ସମେତ ୬୦ଟି ଦେଶର ୪୦୦ରୁ ଅଧିକ କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରୁଛନ୍ତି । ବିଶ୍ୱ ସ୍ତରରେ ଯୋଗ ଏବଂ ସୁସ୍ଥ ଜୀବନଶୈଳୀ ସଂପର୍କରେ ସଚେତନତା ବୃଦ୍ଧି କରିବା । ଯୋଗାସନର କଳାତ୍ମକ ଏବଂ ଲୟଯୁକ୍ତ ଆଦି ୭ଟି ବର୍ଗରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ ।

# ଏମ୍‌ଇଏ-ପିଏମ୍ ଭେନେଜୁଏଲା ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗୁଏଜ୍‌ଙ୍କ ସହ ଆଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ଶକ୍ତି, ବାଣିଜ୍ୟ, ନିବେଶ, ସ୍ୱାସ୍ଥ୍ୟସେବା ଏବଂ ଅଟୋମୋବାଇଲ୍ ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗିତାକୁ ଅଧିକ ସଶକ୍ତ କରିବା ନେଇ ମତବିନିମୟ ହୋଇଛି। ଶକ୍ତି, ବିରଳ ଖଣିଜ ପଦାର୍ଥ, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ ଓ ଜନସମ୍ପର୍କ କ୍ଷେତ୍ରରେ ସହଯୋଗକୁ ବ୍ୟାପକ କରିବା ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଶ୍ରୀ ମୋଦୀ ସୂଚନା ଦେଇଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧନ କରି ପୂର୍ବଭାଗ ସଚିବ ରୁଦ୍ରେନ୍ଦ୍ର ଟଣ୍ଡନ୍ କହିଛନ୍ତି, ଭେନେଜୁଏଲାରେ ବିଶ୍ୱର ସର୍ବବୃହତ ତୈଳ କ୍ଷେତ୍ର ରହିଛି। ଆଜିର ଆଲୋଚନାରେ ଉଭୟପକ୍ଷ ଶକ୍ତି ସହଭାଗିତା ଉପରେ ପ୍ରାଥମିକତା ପ୍ରଦାନ କରିଛନ୍ତି। ଭେନେଜୁଏଲା ଭାରତକୁ ଭବିଷ୍ୟତର ଏକ ନିରନ୍ତର ଚାହିଦା ସମ୍ପନ୍ନ ରାଷ୍ଟ୍ରଭାବେ ବିବେଚନା କରୁଛି ବୋଲି ଶ୍ରୀ ଟଣ୍ଡନ କହିଛନ୍ତି। ସେ କହିଛନ୍ତି, ଆଲୋଚନା କାଳରେ ଉଭୟ ନେତା ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆନ୍ତର୍ଜାତିକ ଏବଂ ଆଞ୍ଚଳିକ ପ୍ରସଙ୍ଗ ଉପରେ ମଧ୍ୟ ମତବିନିମୟ କରିଛନ୍ତି। ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ଦକ୍ଷିଣ ବିଶ୍ୱର ସ୍ୱାର୍ଥକୁ

ସହଯୋଗ ପ୍ରଦାନ କରିବା ପାଇଁ ଉଭୟ ଦେଶ ଅଙ୍ଗୀକାରବଦ୍ଧତା ପ୍ରକାଶ କରିଥିବା ଶ୍ରୀ ଟଣ୍ଡନ କହିଛନ୍ତି।

## ଇ-ଗଭର୍ଣ୍ଣାନ୍ସ ନ୍ୟାସନାଲ ଆୱାର୍ଡସ

୨୯ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ-୨୦୨୬ ପୁରସ୍କାର ଆଜି ଘୋଷଣା କରାଯାଇଛି। କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ୍ ମନ୍ତ୍ରଣାଳୟ କହିଛି, ୭ଟି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ଇ-ପ୍ରଶାସନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷ ତଥା ପ୍ରତିଷ୍ଠାନଗୁଡ଼ିକୁ ୧୭ଟି ପୁରସ୍କାର ପ୍ରଦାନ କରାଯିବ। ସେଥିମଧ୍ୟରେ ୧୦ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଏବଂ ଗୋଟିଏ ଜୁରି ପୁରସ୍କାର ଅନ୍ତର୍ଭୁକ୍ତ। ଦେଶବ୍ୟାପୀ ଇ-ପ୍ରଶାସନ ପଦକ୍ଷେପର ସଫଳ କାର୍ଯ୍ୟାନ୍ୱୟନରେ ସ୍ୱୀକୃତି ଏବଂ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ ବୋଲି ମନ୍ତ୍ରଣାଳୟ କହିଛି। ରାଜସ୍ଥାନର ଜୟପୁରଠାରେ ଆୟୋଜିତ ହେବାକୁ ଥିବା ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ।

## ଡ୍ରାଫ୍ଟ-ଏ.ଆଇ. ରୁଲ୍ସ

ନ୍ୟାୟାଳୟଗୁଡ଼ିକରେ କୃତ୍ରିମ ବୁଦ୍ଧିମତା– ଏ.ଆଇ.ର ବ୍ୟବହାର ସମ୍ପର୍କରେ ସୁପ୍ରିମକୋର୍ଟ ଚିଠା ନିୟମାବଳୀ ପ୍ରକାଶ କରିଛନ୍ତି। କୌଣସି ନ୍ୟାୟିକ ଫଳାଫଳ କେବଳ ଏ.ଆଇ. ଦ୍ୱାରା ବିଶ୍ଳେଷିତ ନିଷ୍ପତ୍ତି ଉପରେ ଆଧାରିତ

ହୋଇପାରିବ ନାହିଁ ବୋଲି ଏଥିରେ କୁହାଯାଇଛି। ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଜନସାଧାରଣ ଏ ସମ୍ପର୍କରେ ନିଜର ମତାମତ ପ୍ରଦାନ କରିପାରିବେ। ପ୍ରସ୍ତାବିତ ଚିଠା ନିୟମାବଳୀରେ କୃତ୍ରିମ ବୁଦ୍ଧିମତାକୁ ରାୟ ପ୍ରଦାନ କରିବା, ସାକ୍ଷୀଙ୍କ ବିଶ୍ୱସନୀୟତା ମୂଲ୍ୟାଙ୍କନ କରିବା କିମ୍ବା ଆଇନଗତ ଫଳାଫଳ ନିର୍ଣ୍ଣୟ କରିବାକୁ ବାରଣ କରାଯାଇଥିବା ବେଳେ ଶୁଣାଣି ସମୟ ସୂଚୀ, ଆଇନଗତ ଗବେଷଣା, ଡକ୍ୟୁମେଣ୍ଟ ସାରାଂଶ ଏବଂ ଅନୁବାଦକୁ ଏଥିରେ ଅନୁମତି ପ୍ରଦାନ କରାଯାଇଛି। ଏଥିରେ ଡାଟା ସୁରକ୍ଷା ଆଇନର ଅନୁପାଳନ ଏବଂ ବ୍ୟକ୍ତିଗତ ତଥ୍ୟର ବ୍ୟବହାରକୁ ନିଷିଦ୍ଧ କରାଯାଇଛି। କୃତ୍ରିମ ବୁଦ୍ଧିମତାର ଗ୍ରହଣୀୟତାକୁ ତଦାରଖ କରିବା ଲକ୍ଷ୍ୟ ନେଇ ଏକ ତ୍ରିସ୍ତରୀୟ ନିୟାମକ ବ୍ୟବସ୍ଥା ପ୍ରବର୍ତ୍ତନ ଉପରେ ଚିଠା ନିୟମାବଳୀରେ ପ୍ରସ୍ତାବ ଦିଆଯାଇଛି। ଏଥିସହ କୃତ୍ରିମ ବୁଦ୍ଧିମତା ବ୍ୟବସ୍ଥାଗୁଡ଼ିକର ବାର୍ଷିକ ଅଡିଟ୍‌ଗୁଡ଼ିକୁ ମଧ୍ୟ ବାଧ୍ୟତାମୂଳକ କରାଯିବା ସଂକ୍ରାନ୍ତ ପ୍ରସ୍ତାବ ଚିଠା ନିୟମାବଳୀରେ ରହିଛି।

## ପୁରୀ-ଗଡ଼କରୀ ଫ୍ଲେକ୍ସ ଫୁଏଲ୍ କାର

ନୂଆଦିଲ୍ଲୀରେ ମାରୁତି ସୁଜୁକି ଉଦ୍ୟୋଗ ଦ୍ୱାରା ନିର୍ମିତ ଭାରତର ପ୍ରଥମ ଫ୍ଲେକ୍ସ ଇନ୍ଧନଯୁକ୍ତ ଯାତ୍ରୀବାହୀ ଯାନର ଆଜି ଶୁଭାରମ୍ଭ ହୋଇଛି। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏବଂ ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏହାର ଶୁଭାରମ୍ଭ କରିଛନ୍ତି। ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି, ଦେଶର ଶକ୍ତି ପରିବର୍ତ୍ତନ କ୍ଷେତ୍ରରେ

ଏଭଳି ଉତ୍ପାଦ ଏକ ନୂତନ ଅଧ୍ୟାୟର ଅଧ୍ୟାୟର ଶୁଭାରମ୍ଭ କରିଛି । ଫ୍ଲେକ୍ସ ଇନ୍ଧନର ଅଧିକ ପରିମାଣରେ ବ୍ୟବହାର ଇଥାନଲ ଆଧାରିତ ଯାନବାହନର ଗ୍ରହଣୀୟତାକୁ ଅଧିକ ବ୍ୟାପକ କରିପାରିବ ବୋଲି ଶ୍ରୀ ପୁରୀ କହିଛନ୍ତି । ଭାରତର ଇଥାନଲ ମିଶ୍ରଣ ପଦକ୍ଷେପ ବିଶ୍ୱର ସବୁଠାରୁ ସଫଳ ଶକ୍ତି ପରିବର୍ତ୍ତନ କ୍ଷେତ୍ର ମଧ୍ୟରେ ଅନ୍ୟତମ ଭାବେ ପରିଗଣିତ ହୋଇଛି । ଏପରି ପ୍ରଯୁକ୍ତିବିଦ୍ୟା ଗ୍ରହଣ ଦ୍ୱାରା ସ୍ୱଚ୍ଛ ଗତିଶୀଳତା, ଶକ୍ତିସୁରକ୍ଷା ଏବଂ ଆତ୍ମନିର୍ଭରଶୀଳତା ଆଧାରିତ ଏକ ବ୍ୟାପକ ଇକୋସିଷ୍ଟମ ସୃଷ୍ଟି ହୋଇପାରିବ ବୋଲି ଶ୍ରୀ ପୁରୀ କହିଛନ୍ତି ।

## ବ୍ୟାଡମିଣ୍ଟନ ଓପନ୍

ଜାକର୍ତ୍ତାଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଯୋଡ଼ି ଏମ୍.ଆର୍.ଅର୍ଜୁନ ଏବଂ ହରିହରନ୍ ଆମସାକୁରାନ ପୁରୁଷ ମିଳିତ ବର୍ଗରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ତେବେ ମହିଳା ସିଙ୍ଗିଲ୍ସ ବର୍ଗରେ ଭାରତୀୟ ଖେଳାଳି ପି.ଭି. ସିନ୍ଧୁ ଏବଂ ଆୟୁଷ ସେଟ୍ଟୀ ପ୍ରି-କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଛନ୍ତି ।

## ଗୋଏଲ-ଇଣ୍ଡିଆ ଗ୍ରୋଥ

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋଏଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ମଧ୍ୟରେ ଦୃଢ଼ ଆର୍ଥିକ ପରିଚାଳନା ଭାରତକୁ ଆର୍ଥିକ ସ୍ଥିରତା ବଜାୟ ରଖିବାରେ ସହାୟକ

ହୋଇପାରିଛି। କୃଷିଜୀବୀ, ଏମ୍.ଏସ୍.ଏମ୍.ଇ., ବ୍ୟବସାୟ କ୍ଷେତ୍ର ଏବଂ ସମାଜର ଦୁର୍ବଳ ବର୍ଗଙ୍କୁ ଦେଶର ଅର୍ଥନୈତିକ ପ୍ରଗତି ସହାୟକ ହୋଇପାରୁଛି। ମୁମ୍ବାଇରେ ଅନୁଷ୍ଠିତ ସିଟି ଇଣ୍ଡିଆ ସମ୍ମିଳନୀ-୨୦୨୬କୁ ଆଭାସୀ ମାଧ୍ୟମରେ ସମ୍ବୋଧନ କରି ଶ୍ରୀ ଗୋଏଲ କହିଛନ୍ତି, ଉପସାଗରୀୟ କ୍ଷେତ୍ରଗୁଡ଼ିକ ଶକ୍ତି ଯୋଗାଣ ପ୍ରଭାବିତ ହେଉଥିଲେ ମଧ୍ୟ ଭାରତ ଆନ୍ତର୍ଜାତିକ ଶକ୍ତି ସଂକଟକୁ ସଫଳତାର ସହ ମୁକାବିଲା କରିପାରିଛି। ବିଶ୍ୱସ୍ତରରେ ଭାରତ ବର୍ତ୍ତମାନ ଏକ ବିଶ୍ୱସନୀୟ ନିବେଶସ୍ଥଳ ଭାବେ ପରିଗଣିତ ହୋଇପାରିଛି। ଗତ ୪ ବର୍ଷ ମଧ୍ୟରେ ଭାରତ ୯ଟି ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛି। ଏହାଦ୍ୱାରା ଆନ୍ତର୍ଜାତିକ କ୍ଷେତ୍ରରେ ୩୮ଟି ବିକଶିତ ଅର୍ଥନୀତି ସହ ଭାରତ ସଂଯୋଗ ସ୍ଥାପନ କରିପାରିଛି ବୋଲି ମନ୍ତ୍ରୀ ଶ୍ରୀ ଗୋଏଲ କହିଛନ୍ତି। ବଜାର ପ୍ରବେଶ ଅଧିକ ବ୍ୟାପକ ହେବା ସହ ଏହି ଚୁକ୍ତିନାମା ଦ୍ୱାରା ବାଣିଜ୍ୟ କ୍ଷେତ୍ର ସହଜ ତଥା  ଗତିଶୀଳ ହୋଇପାରିଛି। ଦେଶରେ ଦୀର୍ଘକାଳୀନ ନିବେଶ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଗୋଏଲ କହିଛନ୍ତି,  ବର୍ଦ୍ଧିତ ଘରୋଇ ଚାହିଦାକୁ ପୂରଣ କରିବା ସହ ଭାରତ ଏବେ ୧୩୦ଟି ଦେଶକୁ ସ୍ୱଦେଶୀ ଉତ୍ପାଦ ରପ୍ତାନୀ କରିପାରୁଛି। ଏହି ଅବସରରେ ଶ୍ରୀ ଗୋଏଲ ଦେଶର ଅଭିବୃଦ୍ଧି ଯାତ୍ରାରେ ସାମିଲ ହେବାକୁ ବିଶ୍ୱ ନିବେଶକଙ୍କୁ ଆମନ୍ତ୍ରଣ କରିଛନ୍ତି। ସେ କହିଛନ୍ତି, ପ୍ରାୟ ୩ ଦଶମିକ ୫ ବିଲିୟନ ଡଲାର ବ୍ୟୟରେ ସରକାର ଦେଶବ୍ୟାପୀ ୧୦୦ଟି ଶିଳ୍ପ ପାର୍କ ବିକଶିତ କରିବାକୁ ଯୋଜନା ରଖିଛନ୍ତି। ୨୦୪୭

ସୁଦ୍ଧା ଭାରତର ଅର୍ଥନୀତି କ୍ଷେତ୍ର ୩୦ ଟ୍ରିଲିୟନ୍ ଡଲାରେ ପହଁଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଗୋଏଲ କହିଛନ୍ତି ।

## ଆଇଏମ୍‌ଡି–କେରଳମ୍

ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ଆଜି କେରଳମ୍‌ରେ ପ୍ରବେଶ କରିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ମୌସୁମୀ ବାୟୁ କେରଳମ୍‌ରେ ପହଁଞ୍ଚିବା ପାଇଁ ତିନିଦିନ ବିଳମ୍ବ ହୋଇଛି । ଏହାର ପ୍ରଭାବରେ କେରଳ ଏବଂ ମାହେ ଅଞ୍ଚଳରେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିସହିତ ଉତ୍ତର ଆଭ୍ୟନ୍ତରୀଣ କର୍ଣ୍ଣାଟକ, ତାମିଲନାଡୁ, ପୁଡୁଚେରୀ, କରାଇକାଲ୍, କର୍ଣ୍ଣାଟକ ଉପକୂଳ ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ ଓ ଲାକ୍ଷାଦ୍ୱୀପରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।

## ଓଡିଆଇ–ବିରାଟ କୋହଲି

ଆଘାତଜନିତ କାରଣରୁ ଆଫଗାନିସ୍ତାନ ବିପକ୍ଷ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ ସିରିଜ୍ ବିରାଟ କୋହଲି ଖେଳିବେ ନାହିଁ । ହାମଷ୍ଟ୍ରିଙ୍ଗ୍ ଆଘାତରେ ପୀଡ଼ିତ କୋହଲି ଏହି ସିରିଜ୍‌ରୁ ବାଦ୍ ପଡ଼ିଥିବା ନେଇ ଏକ ରିପୋର୍ଟରେ କୁହାଯାଇଛି । ଏପରିକି ଇଂଲଣ୍ଡ ଗସ୍ତରେ ଯିବାକୁ ଥିବା ଭାରତୀୟ ଦଳରେ ସେ ସାମିଲ ହେବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି । ଅନ୍ୟପକ୍ଷରେ

ଆଇପିଏଲ୍‌ର ଚଳିତ ସଂସ୍କରଣରେ ଆଘାତ ଜନିତ କାରଣରୁ ଭାରତର ପୂର୍ବତନ ଅଧିନାୟକ ରୋହିତ ଶର୍ମା ଦଳରେ ସାମିଲ ହେବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଆଫଗାନିସ୍ତାନ ବିରୁଦ୍ଧରେ ତିନି ମ୍ୟାଚ୍ ବିଶିଷ୍ଟ ଘରୋଇ ଅନ୍ତର୍ଜାତିକ ଦିନିକିଆ କ୍ରିକେଟ ସିରିଜ୍ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ ଧର୍ମଶାଳାଠାରେ ଖେଳାଯିବ। ଆସନ୍ତା ମାସ ୧୪ ତାରିଖରେ ଭାରତୀୟ ଦଳ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବା ପାଇଁ ଇଂଲଣ୍ଡ ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି।